Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R. Mohanty
Nodal Officer

**ସପ୍ତାହ –୩୦**

ନ.- ୬୯୨ (ଓଡିଆ ବୁଲେଟିନ)
ତାରିଖ-୨୯. ୦୭ . ୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ପାଣିପାଗ ସୂଚନା

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଂଘପୁର, କେନ୍ଦ୍ରାପଡା, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ଆଂଶିକ ମେଘୁଆ ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲା ମାନଙ୍କରେ ପବନର ବେଗ ହାରାହାରି ୮ ରୁ ୧୪ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୧ ରୁ ୩୪ ଡିଗ୍ରୀ ସେଲସିଅସ ଓ ୨୫ ରୁ ୨୯ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ ସୂଚନା

- ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଂଘପୁର, କେନ୍ଦ୍ରାପଡା, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି ।
- ଜୁଲାଇ ମାସ ଶେଷ ସୁଦ୍ଧା ତଳିଘେରାରେ ତଳି ପକାଇବା କାମ ସମ୍ପୂର୍ଣ୍ଣ କରି ଦିଅନ୍ତୁ ।
- ଖାଲୁଆ ଜମିରେ, ଧାନ ଯଦି ୨୧ ଦିନ ର ହୋଇ ଯାଇଥାଏ, ତେବେ ମୁଖ୍ୟ ଜମି ରେ ପ୍ରତିରୋପଣ କରିଦିଅନ୍ତୁ।
- ଖରିଫ ମକା/ ଡାଲି ଜାତୀୟ ଫସଲ ଲଗାଯାଇଥିବା ସ୍ଥାନ ରେ ଜଳ ନିଷ୍କାସନ ର ବ୍ୟବସ୍ଥା କରନ୍ତୁ ।
- ମଧ୍ୟମ ଭୂମିରେ ଲଗାଯାଉଥିବା ଧାନର ଅବଧି ସାଧାରଣ ଅପେକ୍ଷା କମ୍ (୧୦-୧୫ ଦିନରୁ କମ୍) ହେବା ଉଚିତ୍, ଯେଉଁଠାରେ ବିହନ ବୁଣା/ଚାରା ଉଠାଣ କରାଯାଇ ନାହିଁ । ସେହି ସ୍ଥାନରେ ସହଭାଗୀ ଧାନ, ବିଣା ୧୧, ଡିଆରଆର ୩୯, ୪୨, ମନ୍ଦାକିନୀ ଭଳି ଧାନ variety ଗୁଡ଼ିକୁ ନିଆଯାଇ ପାରେ।
- ବୁଣା ଧାନ ରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ -୩୦ ଦିନ ପରେ ବେଉଷଣ କରି ଦିଅନ୍ତୁ । ବେଉଷଣ ପରେ ଏକର ପ୍ରତି ୩୫ କିଲୋଗ୍ରାମ ୟୁରିଆ ଶୀର୍ଷ ସାର ପ୍ରୟୋଗ କରନ୍ତୁ ।
- ପନିପରିବା ତଳିଘେରା କୁ ଅଧିକ ବର୍ଷା ରୁ ରକ୍ଷା ପାଇବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘେରା ଉପରେ ଛାମୁଣ୍ଡିଆ କରନ୍ତୁ ।
- ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ବଜ୍ରପାତ ସହିତ ଅଧିକ ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରଧ୍ୱନି ଶୁଣିବା ପରେ, ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯିବାକୁ ଓ ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନ ନେବାକୁ ପରାମର୍ଶ ଦିଆଯାଉଅଛି । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ ।
- ଗାଇଗୋରୁ ମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ । ପର୍ଯ୍ୟାପ୍ତ ପରିମାଣ ର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ । ଗୋଖାଦ୍ୟକୁ ସୁରକ୍ଷିତ ସ୍ଥାନ ରେ ସାଇତି ରଖନ୍ତୁ ଯେପରିକି ତାହା ଅଧିକ ବର୍ଷା ରେ ନଷ୍ଟ ନ ହୁଏ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ତଳି ରୋପଣ ଅବସ୍ଥା | ❖ ରୁଆ ଧାନ:<br>ରୁଆ ଧାନ ରେ ମୂଳସାର ହିସାବରେ ଶେଷ କାଦୁଅ କରିବା ସମୟରେ ଏକର ପ୍ରତି ୩୫ କିଗ୍ରା ଡିଏପି ୩୦ କିଗ୍ରା ପଟାସ ଏବଂ ୮ କିଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ । ବାଲିଆ ଜମି ହୋଇଥିଲେ ଏକର ପ୍ରତି ୩୫ କିଲୋଗ୍ରାମ, ୧୫ କିଲୋଗ୍ରାମ ମୁରେଟ ଅଫ ପଟାସ ଏବଂ ୮ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ୨୦ ରୁ ୨୫ ଦିନର ତଳିକୁ ଧାଡି କୁ ଧାଡି ୨୦ ସେମି ଏବଂ ଗଛ କୁ ଗଛ ୧୫ ସେମି ବ୍ୟବଧାନ ରଖି ବୁଦା ପ୍ରତି ୨-୩ ଟି ତାଳି ଲଗାନ୍ତୁ । ଶୁଖିଲା ପାଗ ଦେଖି ଧାନ ରୋଇବାର ୩ ଦିନ ମଧ୍ୟରେ Pretilachlor ନାମକ ଘାସମରା ଔଷଧ, ଏକର ପ୍ରତି ୮୦୦ ମିଲି କିମ୍ବା Oxadiargyl ନାମକ ଘାସମରା ଔଷଧ ଏକର ପ୍ରତି ୩୦ ଗ୍ରାମ କିମ୍ବା Pyrazosulfuran Ethyl ଘାସମରା ଔଷଧ ଏକର ପ୍ରତି ୮୦ ଗ୍ରାମ ପ୍ରୟୋଗ କରନ୍ତୁ। ମନେରଖନ୍ତୁ ଘାସମରା ଔଷଧ କୁ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ୨୦ କେଜି ବାଲିରେ ମିଶାଇ ସମାନ ଭାବରେ ଜମିରେ ପ୍ରୟୋଗ କରନ୍ତୁ । ସର୍ବଦା ଘାସମରା ଔଷଧ କୁ ସଫା ପାଣିରେ ମିଶାଇ ଫ୍ଲାଟ ଫ୍ୟାନ କିମ୍ବା ଫ୍ଲଡ ଜେଟ ନୋଜଲ ଥିବା ସ୍ପ୍ରେୟାର ରେ ସିଞ୍ଚନ କରନ୍ତୁ । |
| ମକା | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଶୁଖିଲା ପାଗ ଦେଖି ମକା ମଞ୍ଜି ବୁଣିବାର ୨୦ ରୁ ୨୫ ଦିନ ହୋଇଯାଇଥିଲେ ଘାସ ବାଛି ଜମିକୁ କୋଡାଖୋସା କରି ହୁଡା ଟେକି ଦିଅନ୍ତୁ। ଏହି ସମୟରେ ଏକର ପ୍ରତି ୫୫ କି. ଗ୍ରା. ୟୁରିଆ ସାର ପ୍ରୟୋଗ କରନ୍ତୁ । ୪୦-୪୫ ଦିନ ବେଳକୁ ଚଅଁର ଆସିବା ପୂର୍ବରୁ ଆଉଥରେ ଘାସ ବାଛି କୋଡାଖୋସା କରି ଏକର ପ୍ରତି ୫୫ କି. ଗ୍ରା. ୟୁରିଆ ଓ ୨୦ କି. ଗ୍ରା. ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। |
| ମୁଗ ଓ ବିରି | ବୁଣିବା ଅବସ୍ଥା - ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ମୁଗ ଓ ବିରି ଫସଲରେ ମଞ୍ଜି ବୁଣିବା ସମୟରେ ପ୍ରାକ-ତୃଣକମାରୀ ପ୍ରୟୋଗ କରିନଥିଲେ ମଞ୍ଜି ବୁଣିବାର ୧୫ ଦିନ ମଧ୍ୟରେ ବର୍ଷା ଛାଡ଼ିଗଲା ପରେ ଏକର ପ୍ରତି ୩୦୦-ମିଲି Imazethapyr ନାମକ ଘାସମରା ଔଷଧ କିମ୍ବା ୪୦୦-ମିଲି Quizalofop Ethyl ନାମକ ଘାସମରା ଔଷଧ ୨୦୦ - ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ନାଲି ଶଢା ରୋଗ<br>ଶୁଖିଲା ପାଗ ଦେଖି ଆଖୁ ଫସଲ ରେ ନାଲି ଶଢା ରୋଗ ର ପରିଚାଳନା ପାଇଁ ଏକର ପ୍ରତି Carbendazim ୧୨%+ Mancozeb ୬୩ % WP @ ୪୦୦ଗ୍ରାମ କିମ୍ବା Metalaxyl ୮ % + Mancozeb ୬୪ % @ ୪୦୦ଗ୍ରାମ, ୨୦୦-ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଭେଣ୍ଡି | ଅଙ୍ଗୀୟ ବୃଦ୍ଧି - ଫୁଲ ଓ ଫଳ ଧରିବା ଅବସ୍ଥା | ❖ ଶୋଷକ ଜାତୀୟ କୀଟ-<br>ବର୍ତ୍ତମାନ ସମୟରେ ଭେଣ୍ଡି ଫସଲ ରେ ଶୋଷକ ଜାତୀୟ କୀଟ ଯଥା ଜଉ ପୋକ , ପତ୍ର ଡିଆଁ ପୋକ , ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ରହିଛି। ଏହି ପୋକ ଗୁଡିକର ପରିଚାଳନା ପାଇଁ ବର୍ଷା ଛାଡ଼ିଗଲା ପରେ ପ୍ରାଥମିକ ଅବସ୍ଥା ରେ ଏକର ପ୍ରତି ୬୦୦-ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ କୁ ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନକି ଉପାୟରେ ଏହି କୀଟ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ ୫୦-ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦-ମିଲି Tolfenpyrad ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

| | | |
|---|---|---|
| କଖାରୁଜାତୀୟ ପନିପରିବା | ଅଙ୍ଗୀୟ ବୃଦ୍ଧି - ଫୁଲ ଓ ଫଳ ଧରିବା ଅବସ୍ଥା | ❖ <u>ନିମ୍ନମୁଖୀ ପତ୍ରପୋଡା ରୋଗ-</u> କଖାରୁ ଜାତୀୟ ପନିପରିବା ଫସଲ ରେ ନିମ୍ନମୁଖୀ ପତ୍ରପୋଡା ରୋଗ ଲଗିବାର ସମ୍ଭାବନା ରହିଛି । ଶୁଖିଲା ପାଗ ଦେଖି, ଏହି ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୩-ଗ୍ରାମ Copper Hydroxide ନାମକ ଫିମ୍ପିନାଶକ କିମ୍ବା ପ୍ରତି ଲିଟର ପାଣିରେ ୩-ଗ୍ରାମ Fosetyl -AL ନାମକ ଫିମ୍ପିନାଶକ ମିଳୁଛି କିମ୍ବା ପ୍ରତି ଲିଟର ପାଣିରେ ୨-ଗ୍ରାମ Carbendazim ଏବଂ Mancozeb ର ମିଳିତ ଫିମ୍ପିନାଶକ, ମିଶାଇ ସିଂଚନ କରନ୍ତୁ । |
| ନଡିଆ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ <u>ଚକ୍ରାକାର ଧଳା ମାଛି</u><br>ବର୍ଷା ଛାଡ଼ିଗଲା ପରେ, ପତ୍ର ଉପରୁ କଳା ରଙ୍ଗର କବକ କୁ ବାହାର କରିବା ପାଇଁ ପ୍ରତି ୧୦- ଲିଟର ପାଣି ରେ ୧୦୦-ଗ୍ରାମ ଷ୍ଟାର୍ଚ ମିଶାଇ ଏହି ଦ୍ରବଣ କୁ ସିଞ୍ଚନ କରନ୍ତୁ । ଚକ୍ରାକାର ଧଳା ମାଛି ର ପରିଚାଳନା ପାଇଁ ଗଛ ରେ ହଳଦିଆ ଅଠାଳିଆ ଯନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ପୋକ ଗୁଡିକ ର ପରିଚାଳନା ପାଇଁ ପ୍ରତି ୧୦- ଲିଟର ପାଣିରେ ୩୦-ମିଲି ନିମ୍ବ ଆଧାରିତ କୀଟନାଶକ Azardirachtin ୧୫୦୦ ପିପିଏମ ମିଶାଇ ପତ୍ର ଉପରେ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ପ୍ରତି ୧୦- ଲିଟର ପାଣିରେ ୪-ମିଲି Spinosad ନାମକ କୀଟନାଶକ କିମ୍ବା ୪-ଗ୍ରାମ Emamectin Benzoate ନାମକ କୀଟନାଶକ ମିଶାଇ ପତ୍ର ଉପରେ ସିଞ୍ଚନ କରନ୍ତୁ । |
| ପଶୁ ସମ୍ପଦ | ❖ ଅଧିକ ବର୍ଷା ସମୟରେ ଗାଈଗୋରୁ ମାନଙ୍କୁ ବାହାରକୁ ଚାରିବାକୁ ନଛାଡି ଗୁହାଳରେ ବାନ୍ଧି ରଖନ୍ତୁ ।<br>❖ ଗାଈଗୋରୁ ମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ । ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ ଏବଂ ସେମାନଙ୍କର ଟୀକାକରଣ ନିଶ୍ଚିତ କରାନ୍ତୁ ।<br>❖ ଗୋଖାଦ୍ୟକୁ ଶୁଖିଲା ସୁରକ୍ଷିତ ସ୍ଥାନରେ ରଖନ୍ତୁ ଯେପରିକି ତାହା ବର୍ଷା ଓ ଆର୍ଦ୍ରତା ଦ୍ୱାରା ନଷ୍ଟ ନହୁଏ ।<br>❖ ବର୍ଷା ଋତୁରେ ପ୍ରଚଳିତ ରୋଗମାନଙ୍କ ପାଇଁ ଟିକାକରଣ କରନ୍ତୁ, ଯେପରିକି ପାଦ ଓ ମୁଖ ରୋଗ (FMD), ହେମୋରାଜିକ୍ ସେପ୍ଟିସେମିଆ (HS), ଏବଂ ବ୍ଲାକ୍ କ୍ୱାର୍ଟର (BQ) । ଆଭ୍ୟନ୍ତରୀଣ ପରଜୀବୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ପଶୁମାନଙ୍କୁ କୃମିନାଶକ ଔଷଧ ଦିଅନ୍ତୁ । | |
| ମତ୍ସ୍ୟଚାଷ | ❖ <u>ପୋଖରୀ ରେ ଦଳ ନିୟନ୍ତ୍ରଣ-</u><br>ପୋଖରୀ ରେ ଦଳ କୁ ନିୟନ୍ତ୍ରଣ କରିବା ପାଇଁ ରାସାୟନିକ ପ୍ରଣାଳୀରେ ଗ୍ଲାଇଫୋସେଟ ଏକର ପିଛା 1.2 କେଜି, 2,4-D ଏକର ପିଛା 2.8 ରୁ 4 କେଜି, ସିମାଜାଇନ 0.3-0.5 ପିପିଏମ କିମ୍ବା 10 ଲିଟର ରେ 0.003 ml ଇତ୍ୟାଦି ପ୍ରୟୋଗ କରନ୍ତୁ। ଦଳ ନିୟନ୍ତ୍ରଣରେ ଜୈବିକ ପ୍ରଣାଳୀରେ ଦଳଖିଆ ମାଛ ବା ଗ୍ରାସ କାର୍ପ 50 ରୁ 100 ଗ୍ରାମ ଓଜନର 100 ରୁ 200 ସଂଖ୍ୟାରେ ଛାଡି ପାରିବେ। | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି
ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

**ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।**

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)